DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଜାନୁୟାରୀ ୨ /୨୦୨୦ Rayagada, Thursday, January 2/ 2020

## ସଂକ୍ଷେପରେ

### ନାଚଗୀତରେ ପାଳିଲେ ନବବର୍ଷ

ଡାବୁଗାଁ, ୧।୧(ଡି.ଏନ.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଜୁନାପାଣି ପଞ୍ଚାୟତ ଅଧୀନ ରାବଣାଗୁଡା ଗ୍ରାମର ହାଟପଦାଠାରେ ନବବର୍ଷ ବୁଧବାର ଧୂମଧାମରେ ପାଳିତ ହୋଇଯାଇଛି । ଗ୍ରାମର ସମସ୍ତ ପରିବାର ମିଳିତ ହୋଇ ନାଚ,ଗୀତ ସହ ନବବର୍ଷ ପାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଧନପତି ମାଝୀ , ସମ୍ମାନିତ ଅତିଥି ସୁବାଷ ଚନ୍ଦ୍ର ଜେନା, ସିନ୍ଧୁ ଭତ୍ରା, ଟମନ ବିଶୋଇ, ସଂଯୋଜକ ଶିକ୍ଷକ ଗୟାଧର ବାରିକ ଓ ତ୍ରିନାଥ ବାରିକ ଯୋଗ ଦେଇଥିଲେ । ଏଥିରେ ଆଦିବାସୀ ମାନଙ୍କ ଭାଇଚାରା ସହ ପାରମ୍ପାରିକ ନୃତ୍ୟ ଗୀତରେ ମସଗୁଲ ହୋଇ ନବବର୍ଷକୁ ପାଳନ କରିଥିଲେ । ଏଥିରେ ସଭାପତି ସତମନ ପୂଜାରୀଙ୍କ ସହ ଚମରୁ ଭତ୍ରା, ଗଣପତି ଭତ୍ରା, ପଦମ ଭତ୍ରା, ଆଶାରାମ ଭତ୍ରା, ଧନପତି ଭତ୍ରା, ବୈଶାଖୁ ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ସମସ୍ତ ଗ୍ରାମବାସୀ ଆନନ୍ଦର ସହ ନବବର୍ଷ ପାଳନ କରିଥିଲେ। ସେହିପରି ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟରେ ମଧ ଇଂରାଜୀ ନବବର୍ଷ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ୧୦ମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନେ ମିଳିତ ହୋଇ ନାଚଗୀତରେ ନବ ବର୍ଷକୁ ଖୁସିରେ ପାଳନ କରିଥିଲେ | ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ମାନେ ଯୋଗଦେଇଥିଲେ ।

### କାର୍ଯ୍ୟାଳୟ କାନ୍ଥରେ ଜିଲାପାଳଙ୍କ ନାମରେ ଲେଖା

ମାଲକାନଗିରି,୧।୧(ସ୍ୱ.ପ୍ର.)- ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବିରୋଧରେ କେହି ଦୁର୍ବୃତ୍ତ ତାଙ୍କ କାର୍ଯ୍ୟାଳୟ କାନ୍ଥରେ ତାଙ୍କ ବିରୋଧରେ କିଛି ଲେଖା ଲେଖିଥିବା ନଜରକୁ ଆସିଛି। ଜିଲାପାଳ ଦୁର୍ନୀତି ଖୋର, ଜିଲାପାଳ କିଲ୍ଡ଼ ପିଏ ଆଦି ଲେଖାଯାଇଛି। ସକାଳୁ ଏହା ଜଣାପଡିବା ପରେ ଲୋକେ ତାଙ୍କ କାର୍ଯ୍ୟାଳୟ କାନ୍ଥ ନିକଟରେ ଭିଡ ଜମାଇଥିଲେ। ପରେ ଏହାକୁ ଲିଭାଯାଇଛି। ଏହା ଜାଣିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।




# ଜଳିଗଲା ୮ ଏକର ଆଖୁ ଫସଲ

କୋଡିଙ୍ଗା,୧।୧(ଡି.ଏନ.ଏ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବି.ଏମ ସେମଳା ପଞ୍ଚାୟତର ଆଖୁ ବାଡରେ ନିଆଁ ଲାଗି ୮ ଏକର ଆଖୁ ଫସଲ ନଷ୍ଟ ହୋଇଯାଇଛି। ବି.ଏମ ସେମଳା ପଞ୍ଚାୟତର ଦୁରାଗାଁର ସଦନ ମାଳି ଓ ଖଗପତି ମାଳିଙ୍କ ଆଖୁ କ୍ଷେତରେ ବୁଧବାର ଅପରାହ୍ନରେ ନିଆଁ ଲାଗି ଯାଇଥିଲା। ଗ୍ରାମର ଶତାଧିକ ଲୋକ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ୮ ଏକର ଆଖୁ ଫସଲରେ ନିଆଁ ଲାଗି


ଜଳିଯାଇଥିବା ଆଖୁ କ୍ଷେତ।

ପୋଡିଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଆଖୁକ୍ଷେତ ଦେଇ ଯାଇଥିବା ବିଦ୍ୟୁତ ଖୁଣ୍ଟରେ ସଟସର୍କିଟ ହୋଇ ନିଆଁ ଲାଗିଥିଲା। କୋଷାଗୁମୁଡା ଅଗ୍ନିଶମ ବିଭାଗକୁ ଅନେକ ଥର ଫୋନ କଲା ପରେ ମଧ ଦମକଳ ଗାଡି ଆସି ନ ଥିଲା ବୋଲି ସଦନ କହିଛନ୍ତି। ପରେ ଗ୍ରାମର ଶତାଧିକ ଲୋକ ବାହାରି ନିଆଁକୁ ଆୟତ୍ତ କରିଥିଲେ। ନଚେତ ପ୍ରାୟ ୫୦ ଏକର ଆଖୁ ଫସଲ ପୋଡିଯାଇଥାନ୍ତା। ଏହି ୨ ଆଖୁ ଚାଷୀ କୋଡିଙ୍ଗା ସମବାୟ ସମିତି ଠାରୁ ଲକ୍ଷାଧିକ ଟଙ୍କା ଋଣ ନେଇ ଚାଷ କରିଥିଲେ।

■ ଜିଲା ସଦର ମହକୁମା ଡାକ୍ତରଖାନାର ଏମସିଏଚ ବିଭାଗ

## ପାଣି ନ ଥିବାରୁ ରୋଗୀ ହନ୍ତସନ୍ତ

ନବରଙ୍ଗପୁର,୧।୧(ବି.ପ୍ର)

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ମାତୃ ଓ ଶିଶୁ ଚିକିତ୍ସା ବିଭାଗ (ଏମସିଏଚ)ର ବର୍ହିବିଭାଗ ଓ ଅନ୍ତଃବିଭାଗରେ ବୁଧବାର ପାଣି ଯୋଗାଣ ହୋଇ ନ ଥିବାରୁ ରୋଗୀ ହନ୍ତସନ୍ତ ହୋଇଛନ୍ତି। ଏମସିଏଚ କୋଠାରେ ଥିବା ପାଣି ଟାଙ୍କିକୁ ପାଣି ଉଠାଯାଇ ନ ଥିଲା। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଶୌଚାଳୟ ଯିବାକୁ ହଇରାଣ ହୋଇ ଥିଲେ। ଏପରିକି ପାଣି ନ ଥିବାରୁ ଶୌଚାଳୟ ପୂତିଗନ୍ଧମୟ ହୋଇ ପଡିଥିଲା। ଗୋଟିଏ ନଳକୂପ ଉପରେ ସମସ୍ତ ରୋଗୀ ନିର୍ଭର କରିଥିଲେ। ଏମସିଏଚ ବିଭାଗ ପାଇଁ ପ୍ରତିଦିନ ୮ ହଜାର ଲିଟର ପାଣି ଆବଶ୍ୟକ ହୋଇଥାଏ। ସେହିପରି ଜିଲା ସଦର ମହକୁମା ଡାକ୍ତରଖାନା ପାଇଁ ୪୦ ହଜାର ଲିଟର ପାଣି ଆବଶ୍ୟକ ହୋଇଥାଏ।

## ୟୁସ୍‌ଲେସ୍ କ୍ଲବର ପ୍ରୟାସ-୨୦୨୦ ଉନ୍ମୋଚିତ

ନବରଙ୍ଗପୁର, ୧।୧(ବି.ପ୍ର)

ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ନବରଙ୍ଗପୁର ୟୁସଲେସ କ୍ଲବର ବାର୍ଷିକ ସଙ୍କଳନ ପ୍ରୟାସ ୨୦୨୦ (୩୦ ତମ ସଂକଳନ)ବୁଧବାର ଜିଲାପାଳ ଅଜିତ କୁମାର ମିଶ୍ର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର , ମୁଖ୍ୟବକ୍ତା ଖାତିଗୁଡା ଇନ୍ଦ୍ରାବତୀ ମହାବିଦ୍ୟାଳୟ ଅଧାପକ ବିମଳ କୁମାର ବେହେରା, ସମ୍ମାନିତ ବକ୍ତା ଶିକ୍ଷାବିତ୍ ତଥା ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀର ସଭ୍ୟ ପ୍ରଦୀପ କୁମାର ମିଶ୍ର ଏବଂ ଜୟପୁରସ୍ଥିତ ମହିଳା ମହାବିଦ୍ୟାଳୟର ଅଧାପକ ମନୋରଞ୍ଜନ ପ୍ରଧାନ ଯୋଗଦେଇଥିଲେ। 'ସାମାଜିକ ଗଣମାଧମ ସାହିତ୍ୟ ପ୍ରତି ଆର୍ଶିବାଦ ନା ଅଭିଶାପ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ନିଜର ମତପୋଷଣ କରିଥିଲେ । କାର୍ଯ୍ୟକ୍ରମରେ ନବରଙ୍ଗପୁର ୟୁସଲେସ କ୍ଲବ ସଭାପତି ରାକେଶ କୁମାର ଗୁପ୍ତା ସଭାପତିତ୍ୱ କରିଥିଲେ। ସମ୍ପାଦକ ଡଃ ଓଁକାର ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ମିଶ୍ରଙ୍କୁ ପ୍ରୟାସ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ପଟ୍ଟନାୟକ, ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗାଇପାଇ ଏବଂ ସହରର ଶିକ୍ଷାବିତ୍, କବି, ପ୍ରାବନ୍ଧିକ ଯଥା ନାରାୟଣ ପଣ୍ଡା, ନବକିଶୋର ପଣ୍ଡା, ପ୍ରଭାସିନୀ ମହାନ୍ତି, ଜେମାମଣି ବିଷୋୟୀ, ସୁରେଶ ଚନ୍ଦ୍ର ମିଶ୍ର, ଗୋପାଳକୃଷ୍ଣ ପାଣିଗ୍ରାହୀ, ସମରେଶ ଗନ୍ତାୟତ, ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଗୁରୁ ଓ ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । କ୍ଲବର ସଭ୍ୟ ଦୁଷ୍ମନ୍ତ ମହାନ୍ତି ୟୁ. ଅରୁଣ କୁମାର, ଟି. ଶ୍ରୀପତି ଉପସ୍ଥିତ ଥିଲେ।


ବାର୍ଷିକ ସଙ୍କଳନ ପ୍ରୟାସ-୨୦୨୦କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ୟୁକୋ ପାର୍କ, ଗୁରୁପ୍ରିୟାରେ ପର୍ଯ୍ୟଟକଙ୍କ ଭିଡ଼

ଚିତ୍ରକୋଣ୍ଡା,୧।୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ବୁଧବାର ନୂଆବର୍ଷକୁ ଜନସାଧାରଣ ଓ ପର୍ଯ୍ୟଟକମାନେ ପାଳନ କରିଛନ୍ତି। ୟୁକୋ ପାର୍କ ଚିତ୍ରକୋଣ୍ଡା-ବାଲିମେଳା ଡ୍ୟାମ ଓ ସ୍ୱାଭିମାନ ଅଞ୍ଚଳର ଗୁରୁପ୍ରିୟା ସେତୁଠାରେ ବଣଭୋଜି ପାଇଁ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଛି। ୟୁକୋ ପାର୍କରେ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଗାଡି ପାର୍କିଂଠାରୁ ଆରମ୍ଭ କରି, ବଣ ଭୋଜି ପାଇଁ ବ୍ୟବସ୍ଥା ହୋଇଥିଲା। ପର୍ଯ୍ୟଟକଙ୍କ ରହିବା ପାଇଁ ପ୍ରକୃତି କୁଟୀର କ୍ୟାଣ୍ଟିନ ବ୍ୟବସ୍ଥା ସହ ବୋଟିଂ ବ୍ୟବସ୍ଥା ହୋଇଥିଲା। ଚିତ୍ରକୋଣ୍ଡା-ବାଲିମେଳା ଡ୍ୟାମ ପାର୍କରେ ଭୋଜି କରିବା ସହ ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ସେହିଭଳି ଗୁରୁପ୍ରିୟା ସେତୁଠାରେ ପର୍ଯ୍ୟଟକଙ୍କ ଭିଡ ମଧ କିଛି କମ ନଥିଲା। ପର୍ଯ୍ୟଟକମାନେ ଏଠାରେ ଭୋଜି କରିବା ସହ ସେଲଫି ଉଠାଇବାର ମଜା ନେଇଥିଲେ।

## ଅନାଥ ଶିଶୁଙ୍କ ସହ ନବବର୍ଷ ପାଳିଲେ ଏସ୍‌ପି


ଅନାଥ ଶିଶୁମାନଙ୍କ ସହ ଏସପି ଓ ଅନ୍ୟମାନେ।

ନବରଙ୍ଗପୁର,୧।୧(ବି.ପ୍ର)

ପଣ୍ଡିତ ଦିନଦୟାଳ କନ୍ୟାଶ୍ରମର ଅନାଥ ଶିଶୁମାନଙ୍କ ସହ ନବରଙ୍ଗପୁର ଏସପି ନୀତିନ କୁଶଲକର ଓ ତାଙ୍କ ସ୍ତ୍ରୀ ନବବର୍ଷ ପାଳନ କରିଛନ୍ତି। ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସେହିପରି ଜଗନ୍ନାଥ ମନ୍ଦିର ଓ ଟାଉନରେ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏସପିଙ୍କ ସହ ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ ଉପସ୍ଥିତ ଥିଲେ।

## କଳ୍ପତରୁ ଉତ୍ସବ ପାଳିତ

ଡାବୁଗାଁ,୧।୧(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକସ୍ଥିତ ଗରୁଡଗୁଡା ଗ୍ରାମ ରାମକୃଷ୍ଣ ମିଶନଠାରେ ଡାବୁଗାଁ ରାମକୃଷ୍ଣ ସାରଦା ସେବାସଂଘର କଳ୍ପତରୁ ଉତ୍ସବ ବୁଧବାର ପାଳିତ ହୋଇଯାଇଛି । ଏଥିରେ ପୂର୍ବତନ ସାଂସଦ ଭଗବାନ ମାଝୀ ସଭାପତିତ୍ୱ କରିଥିଲେ। ରାମକୃଷ୍ଣ ଶାରଦା ସେବା ସଂଘର ସଭ୍ୟ ବିପିନ ବିହାରୀ ବାରିକ ସ୍ୱାଗତ ଭାଷଣ ଦେବା ସହ କଳ୍ପତରୁର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ମୁଖ୍ୟବକ୍ତା ଡଃ ଅନିଲ କୁମାର ମିଶ୍ର ଓ ଡଃ ବିଜୟ କୁମାର ମିଶ୍ର ଶ୍ରୀ ରାମକୃଷ୍ଣଙ୍କ କଳ୍ପତରୁ ବିଷୟରେ ବାଣୀ ଶୁଣାଇ ଥିଲେ। ଏଥିରେ ନାରାୟଣପୁର ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ଆଶ୍ରମର ଅନୁଭବାନନ୍ଦଜୀ ମହାରାଜା ଯୋଗ ଦେଇ ଠାକୁରଙ୍କ ମହତ ବାଣୀ ଉପରେ କହିଥିଲେ । ଏଥିରେ ଡଃ ରାଧାନାଥ ବେହେରା , ମହେନ୍ଦ୍ର କୁମାର କାମେଲା ମଧ ଠାକୁରଙ୍କର ଚୈତନ୍ୟ ଲାଭ ବିଷୟରେ କହିଥିଲେ। ଏହି ଉତ୍ସବରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଏମପି ପ୍ରତିନିଧି ଏମ୍.ଆପ୍ପା ରାଓ, ଜି. ସାଇ ରାଜୁ, ଡା.ସୁରେନ୍ଦ୍ରନାଥ ଦାସ ଯୋଗଦେଇଥିଲେ । ଏଥିରେ ଡାବୁଗାଁ ସଂଘ ସୁବ୍ରତ କୁମାର ପରିଡା, ନୀଳାଞ୍ଚଳ ପଣ୍ଡା, ଅଭିରାମ ପାଢୀ, ରଘୁନାଥ ବିଶୋଇ, କୁରାମଣି ରାହା, ଟିଟୁ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସଂଘ ସମ୍ପାଦକ ବାବି ଜେନା ଧନ୍ୟବାଦ ଦେଇଥିଲେ।

## ଆତସବାଜିରେ ନୂଆବର୍ଷକୁ ସ୍ୱାଗତ

କୋରୁକେଣ୍ଡା,୧।୧(ଡି.ଏନ. ଏ.)

ମାଲକାନଗିରିଜିଲା ବାଲିମେଳା ଏନଏସ୍ଥିତ ବାଲିମେଳା ବିକାଶ ମଞ୍ଚ ପରିଷଦ ପକ୍ଷରୁ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ଏକ ଜିରୋ ନାଇଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆତସିବାଜି ଫୁଟାଇ ଲୋକେ ନୂଆବର୍ଷକୁ ସ୍ୱାଗତ କରିଥିଲେ। ସୁଦୂର କଟକ ଏବଂ ସମ୍ବଲପୁରରୁ ଦୁଇଟି ମେଲୋଡି ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାତି ୧୦ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପରିଷଦର ସଭାପତି ଡମ୍ବରୁ ବାଘ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ଏସଡିପିଓ ସୁନାରାମ ହେମ୍ବ୍ରମ ଯୋଗ ଦେଇଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ହେତୁ କମ୍ବଳ ବଣ୍ଟନ କରାଯାଇଥିଲା।



କୋରୁକୋଣ୍ଡାରେ ନୂଆବର୍ଷକୁ ସ୍ୱାଗତ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ।

## ନୂଆବର୍ଷ ପାଇଁ ବିଭିନ୍ନ ମନ୍ଦିରରେ ଗହଳି

ମାଲକାନଗିରି,୧।୧ (ଡି.ଏନ୍.ଏ.)

ବୁଧବାର ନୂଆବର୍ଷ ଉପଲକ୍ଷେ ଦେବଦେବୀଙ୍କ ଦର୍ଶନ ପାଇଁ ବିଭିନ୍ନ ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟୁଷରେ ମହିଳାମାନେ ନିଜ ଘର ସମ୍ମୁଖରେ ରଙ୍ଗ ବେରଙ୍ଗର ଝୋଟି ପକାଇବା ସହ ନୂତନ ବର୍ଷକୁ ସ୍ୱାଗତ କରିଥିଲେ। ବିଭିନ୍ନ ଦେବାଦେବୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ପରିବାରର ମଙ୍ଗଳକାମନା କରିଥିଲେ । ସଦର ମହକୁମାସ୍ଥିତ ଜଗନାଥ ମନ୍ଦିର, ଚିଦାନନ୍ଦ ସାହିର ଜଗନ୍ନାଥ ମନ୍ଦିର, ତଳସାହି ଶିବମନ୍ଦିର, ମଲ୍ଲିକେଶ୍ୱର ପାହାଡ ଉପରେ ଥିବା ଶିବ ମନ୍ଦିର, ଡି.ଏନ୍.କେ. ଶ୍ରୀରାମ ମନ୍ଦିର ପରିସରରେ ଥିବା ଶିବ ମନ୍ଦିର ଏବଂ ଜଦୁଗୁଡା ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।


ଯଦୁଗୁଡା ପାହାଡ ଉପରେ ଥିବା ଶୈବପୀଠକୁ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଯାଉଛନ୍ତି ।

■ ଚିତ୍ରକୋଣ୍ଡା ଡାକ୍ତରଖାନା

## ଏଣିକି ଭିନ୍ନ ରଙ୍ଗର ବେଡ୍‌ଶିଟ୍ ପାଇବେ ରୋଗୀ

ଚିତ୍ରକୋଣ୍ଡା, ୧।୧(ଡି.ଏନ.ଏ.)

ଚିତ୍ରକୋଣ୍ଡାସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ନିର୍ମଳ ଯୋଜନାରେ ବୁଧବାର ପ୍ରଥମ କରି ରୋଗୀମାନଙ୍କୁ ଭିନ୍ନ ଭିନ୍ନ ରଙ୍ଗର ବେଡ୍‌ଶିଟ୍ ବ୍ୟବହାର ପାଇଁ ପ୍ରଦାନ କରାଯାଇଛି। ପୂର୍ବରୁ ରୋଗୀଙ୍କୁ ଗୋଟିଏ ରଙ୍ଗର ବେଡ୍‌ସିଟ୍ ବ୍ୟବହାର ଲାଗି ମିଳୁଥିଲା। କେବେ କେବେ ବେଡ୍‌ଶିଟ୍ ମଧ ଅଭାବ ହେଉଥିଲା। ଏବେ ସେମାନଙ୍କ ଏ ସମସ୍ୟା ଦୂର ହୋଇଛି। ମାଲକାନଗିରି ଜିଲାରେ ପ୍ରଥମ କରି ଚିତ୍ରକୋଣ୍ଡା ଡାକ୍ତରଖାନାରେ ରୋଗୀଙ୍କୁ ଭିନ୍ନ ରଙ୍ଗର ବେଡ୍‌ଶିଟ୍ ମିଳିଛି। ରୋଗୀଙ୍କୁ ସପ୍ତାହର ସାତ ଦିନ ଯାକ ଭିନ୍ନଭିନ୍ନ ରଙ୍ଗର ବେଡ଼ଶିଟ ବ୍ୟବହାର ପାଇଁ ମିଳିବ। ଏହି କାର୍ଯ୍ୟକ୍ରମରେ ଡାକ୍ତରଖାନ ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତ, ଡାକ୍ତର ଦୀପକ ନାୟକ, ଆକାଉଣ୍ଟାଣ୍ଟ ରାଜେନ୍ଦ୍ର ପ୍ରସାଦ ଦାଶ, ଫାର୍ମାଶିଷ୍ଟ ଏମ. ଶ୍ରୀନିବାସ ନାୟକ, ପ୍ରଭାତ ପାତ୍ର, ଚୌଧୁରୀ ମହନ୍ତ, ଷ୍ଟାଫନର୍ସ ସତ୍ୟଭାମା ବେହେରା, ଯମୁନା ରାଏ ଓ ରୁବି ରାଏ, ଟୁନା ଆଚାରି ଉପସ୍ଥିତ ଥିଲେ।


ରୋଗୀଙ୍କ ପାଇଁ ଆସିଥିବା ନୂଆ ବେଡଶିଟ୍।

# ମାଲକାନଗିରି: ୩ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼

ମାଲକାନଗିରି,୧।୧(ଡି.ଏନ.ଏ.)

ମାଲକାନଗିରି ଜିଲାର ୩ଟି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀରେ ନୂଆବର୍ଷରେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଛି। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବଣଭୋଜି ଏବଂ ନୌ- ବିହାରର ମଜା ଉଠାଇଛନ୍ତି। ମାଲକାନଗିରି ସଦର ମହକୁମାଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ସତୀଗୁଡ଼ା ଜଳଭଣ୍ଡାରକୁ ଲାଗି ରହିଥିବା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀରେ ସୀମାନ୍ତ ଛତିଶଗଡ଼ ସମେତ ମାଲକାନଗିରି ଓ ଅନ୍ୟ ଜିଲାରୁ ପର୍ଯ୍ୟଟକମାନଙ୍କ ସମାଗମ ହୋଇଥିଲା। ପର୍ଯ୍ୟଟକମାନେ ନିଜ ପରିବାର ସହ ନବ ବର୍ଷ ପାଳନ ଲାଗି ବଣଭୋଜି ଓ ନୌକା ବିହାର କରି ମଜା ଉଠାଇଥିଲେ । ନାଚଗୀତ ବଣଭୋଜି ସହ ୱାଟର ଫାଉଣ୍ଟେନ, ଫୁଲବଗିଚା, ଭ୍ୟୁ ପଏଣ୍ଟରେ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା। ଏଠାରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଭିଡ ହୋଇଥିଲା। ସେହିପରି ଚିତ୍ରକୋଣ୍ଡାସ୍ଥିତ ବାଲିମେଳା ଜଳଭଣ୍ଡାରକୁ ଲାଗି ରହିଥିବା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀରେ ପ୍ରାୟ ୩ ହଜାରରୁ ଅଧିକ ପର୍ଯ୍ୟଟକ ପହଞ୍ଚି ବଣଭୋଜି ସହ ନୌକାବିହାର କରିଥିଲେ। ସେହିପରି ଜିଲାର ଜଦୁଗୁଡ଼ା ନିକଟସ୍ଥ ଜଉପାହାଡ଼ ପର୍ଯ୍ୟଟନ ସ୍ଥଳୀରେ ମାଲକାନଗିରି ସହ ଛତିଶଗଡ଼ର ସୁକୁମା, ଦାନ୍ତେୱାଡ଼ା, ଜଗଦଲପୁର ଅଞ୍ଚଳରୁ ୩ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଜଦୁପାହାଡ଼ ପରିଦର୍ଶନ କରିଥିଲେ। ଯଦୁଗୁଡ଼ା ବନ ସଂରକ୍ଷଣ ସମିତି ଏବଂ ବନ ବିଭାଗର ମିଳିତ ଉଦ୍ୟମରେ ୪ଟି ପଞ୍ଚାୟତର ଯୁବକମାନେ ଶାନ୍ତିଶୃଙ୍ଖଳା ନିୟୋଜିତ ଥିଲେ। ସତୀଗୁଡ଼ା ଓ ଚିତ୍ରକୋଣ୍ଡା ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀରେ ନୌକା ବିହାର ପାଇଁ ବନ ବିଭାଗ ପକ୍ଷରୁ ସ୍କୁଟର ବୋଟ, ମୋଟର ବୋଟ, ମୋଟର ଲଞ୍ଚ ଓ ପ୍ୟାଡେଲ ବୋଟ୍ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଗୁରୁପ୍ରିୟା ସେତୁ ପର୍ଯ୍ୟଟକଙ୍କ ଅନ୍ୟ ଏକ ପ୍ରମୁଖ ସ୍ଥାନ ହୋଇଛି । ଏହି ସେତୁକୁ ଦେଖିବାକୁ ବହୁ ପର୍ଯ୍ୟଟକ ଆସିଛନ୍ତି।



ପର୍ଯ୍ୟଟନସ୍ଥଳରେ ଲୋକଙ୍କ ଭିଡ ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ -ତଥାଗତ ସତପଥୀ

